# "ମୁଁ ସ୍ତ୍ରୀକୁ ସମ୍ପୂର୍ଣ୍ଣ ଡରିମରି ରହୁଛି" !

ମୋର ନାମ ନଗେନ୍ ମହାନ୍ତି (ଛଦ୍ମନାମ) । ଘର ବନହରପାଲ୍ଲି ଥାନା ଅନ୍ତର୍ଗତ ଝାରସୁଗୁଡ଼ା ଜିଲ୍ଲାରେ । ବାପା ଗୃଷବାସ କରି ଚଳନ୍ତି । ଆମେ ଦୁଇ ଭାଇ ଓ ଚ଼ାରି ଭଉଣୀ ଅଟୁ । ମୁଁ ଜଣେ ବ୍ରାହ୍ମଣ ଝିଅକୁ ଭଲପାଇ ବିବାହ କରିବାକୁ କହିବାରୁ ଘରଲୋକମାନେ ଏହାକୁ ବିରୋଧ କରିଥିଲେ । ଆମ ଘରେ ବିରୋଧ କରିବା ସହିତ ଶ୍ୱଶୁର ଘର ଲୋକମାନେ ମଧ୍ୟ ବିବାହ କରିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ । ମାତ୍ର ଆମେ ଉଭୟେ ଘରୁ ଛାଡ଼ି ପଳାଇବା ବୋଲି ସିଧାନ୍ତ ନେଇଥିଲୁ । ଉଭୟେ ଘରୁ ଛାଡ଼ି ପଳାଇଲୁ । ତା–୩୧-୧୦-୨୦୦୮ରିଖ ଦିନ ମନ୍ଦିରରେ ବିବାହ କରି ବନ୍ଧବାହାଲଠାରେ ଏକ ଘର ଭଡ଼ା ନେଇ ରହିଲୁ । ଘରଭଡ଼ା ନେଇ ରହିବାର କିଛି ଦିନ ପରେ ମୋର ସ୍ତ୍ରୀ ମୁଁ କାମ କରିବାକୁ ଯିବା ସମୟରେ ଆ-ଘରକୁ ତା-ଘରକୁ ଯାଇ ବିଭିନ୍ନ ଲୋକଙ୍କ ପାଖରେ ଚୁଗୁଲି ଚାପଟ କରିବା ଦ୍ୱାରା ଲୋକମାନଙ୍କ ଭିତରେ ମାଡ଼ଗୋଡ଼ ଲଗାଇଲା । ସାହିଯାକର ମହିଳା ମିଶି ମୋ ସ୍ତ୍ରୀକୁ ମୋ ଆଖି ସାମ୍ନାରେ  ପ୍ରବଳ ମାଡ଼ ମାରିଲେ । ମୁଁ ବିରୋଧ କରିବାରୁ ସ୍ତ୍ରୀ ଲୋକମାନେ ମୁଁ ନିର୍ଦ୍ଦୋଶ ବୋଲି ଜାଣି ମଧ୍ୟ ମତେ ଗୁଡ଼ାଏ ଥୋଇଲେ । ସେଠାରୁ ଘରଛାଡ଼ି ଆସି ଆଉ ଏକ ଘରଭଡ଼ା ନେଇ ରହିଲୁ । ସେଠାରେ ଠିକ୍ ସେହି ଏକା ଅବସ୍ଥା । ମହିଳାମାନେ ଏକତ୍ରିତ ହୋଇ ଘରସାମ୍ନାରେ ଅଭଦ୍ରଭାଷାରେ ଗାଳିଗୁଲଜ କରିବା ସହିତ ଯଥା ଶିଘ୍ର ଜାଗା ଛାଡ଼ିଦେବା ପାଇଁ କହିଥିଲେ । ମାତ୍ର ସ୍ତ୍ରୀର ଏକା ଜିଦ୍ ସେହି ଜାଗାରେ ସେ ରହିବ । ଫଳରେ ଏକ ରାଜନୈତିକ ଦଳର କିଛି ସାମାଜିକ କାମ କରୁଥିବା ମହିଳା କର୍ମିମାନେ ଯାଇ ବନହରପାଲ୍ଲି ଥାନାରେ ଅଭିଯୋଗ କରିଥିଲେ । ଥାନା ବାବୁ ସବୁକଥା ଶୁଣିଲେ ଶୁଣିଲେ ଅଜଥାରେ ମୋତେ ଦୁଇ ଚଟକଣା ଦେଇ ଥାନାରୁ ବିଦା କରାଇଲେ । ସେଠାରୁ ଘରଛାଡ଼ି ଆସି ଶ୍ୱଶୁର ଘର ପାଖରେ ରହିଲୁ । ଏଠାରେ ମଧ୍ୟ ସେହି ଏକା ଅବସ୍ଥା । ଶ୍ୱଶୁର ଶାଶୁଙ୍କୁ ଗୁହାରି କଲେ ସେମାନେ କହୁଛନ୍ତି ଆମକୁ କିଛି କୁହ ନାହିଁ । ତୁମେ ଯାହା କରୁଛ କର । ଟିକେ ଟିକେ କଥାରେ ମତେ ଧମକ ଚମକ ଦେଉଛି ଜେଲ୍‌ରେ  ପୁରାଇ ମୋତେ ଚକି ପେଷାଇ ଦେବ । "ମୁଁ ସ୍ତ୍ରୀକୁ ସମ୍ପୂର୍ଣ୍ଣ ଡରିମରି ରହୁଛି" । ମୋ ବାପା ମା ଏବଂ ଶାଶୁ ଶ୍ୱଶୁରଙ୍କୁ ଏଭଳି ଅଭଦ୍ର ଭାଷାରେ ଗାଳିଗୁଲଜ କରୁଛି ଯେ, ଯାହା କାନରେ ଶୁଣିବା ମଧ୍ୟ ସମ୍ଭବ ନୁହେଁ ।  ଦିନ ଦିନ ଧ ରି ପୁଅ ଦୁଇଟିକୁ ମୋ ପାଖରେ ଛାଡ଼ି ଦେଇ କୁଆଡ଼େ ଯେ ଚ଼ାଲି ଯାଉଛନ୍ତି ତାର କିଛି ହିସାବ ପତ୍ର ରହୁନି । କୁଆଡ଼େ ଯାଇଥିଲ ବୋଲି ପଚାରିଲେ ମୋତେ ଚପଲରେ ପିଟିବି ବୋଲି କହୁଛି । ଏଭଳି ପରିସ୍ଥିତିରେ ମୁଁ କଣ କରିବି କିଛି ବାଟ ପାଉ ନାହିଁ । ଥାନାକୁ ଗଲେ ଥାନା ବାବୁ କିଛି କରିପାରିବେ ନାହିଁ ବୋଲି କହି ମୋତେ ଫେରାଇ ଦେଉଛନ୍ତି । ମୁଁ ସମ୍ପୂର୍ଣ୍ଣ ନିସହାୟ ହୋଇ ପଡ଼ିଛି........

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍  (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।